ସକାଳ-୩.୧୦.୨୦୨୩

# କର୍କଟ ରୋଗୀଙ୍କ ଯନ୍ତ୍ରଣା ଉପଶମ ସମ୍ପ୍ରଦାୟ କେନ୍ଦ୍ର ଉଦ୍‌ଘାଟିତ

ସୁନ୍ଦରଗଡ଼,୨।୧୦(ସମିସ)

ଅମୃତଧାରା ପାଲିଏଟିଭ କେୟାର ଟ୍ରଷ୍ଟ ଭୁବନେଶ୍ୱର ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂସ୍ଥା ସେବକ ମିଳିତ ଆନୁକୂଲ୍ୟରେ କର୍କଟ ରୋଗୀଙ୍କ ସୂଚନା ଏବଂ ସାହାଯ୍ୟ ପାଇଁ ଯନ୍ତ୍ରଣା ଉପଶମ ସମ୍ପ୍ରଦାୟ କେନ୍ଦ୍ର ସୁନ୍ଦରଗଡ଼ ସହର ଉପକଣ୍ଠ ବନ୍ଧପାଲିସ୍ଥିତ ସେବକର ରୁରାଲ ରିସୋର୍ସ ସେଣ୍ଟରରେ ଶୁଭାରମ୍ଭ ହୋଇଛି। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କାହ୍ନୁଚରଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିବା ସହ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ନିୟମିତ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଚାର୍ଯ୍ୟ ହରିହର ଡାକ୍ତରଖାନା ମୁଖ୍ୟ ଓ ଅମୃତଧାରା ପାଲିଏଟିଭ କେୟାର ଟ୍ରଷ୍ଟି ଡା. ସୁମିତା ମହାନ୍ତି ଯନ୍ତ୍ରଣା ଉପଶମ ପାଇଁ ପାରିବାର ସଦସ୍ୟଙ୍କ ଭୂମିକା, ମାନସିକ ପ୍ରସ୍ତୁତି, ଆର୍ôଥକ ସହାୟତା ଓ ସ୍ୱେଚ୍ଛାସେବୀଙ୍କ ଭୂମିକା ବିଷୟରେ ଭିଡିଓ ସୋ' ମାଧ୍ୟମରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅମୃତଧାରା ପାଲିଏଟିଭ କେୟାର ଟ୍ରଷ୍ଟ



ସମ୍ପାଦିକା ନମ୍ରତା ରଥ, ସୁନ୍ଦରଗଡ଼ ମେଡିକାଲ କଲେଜର ପ୍ରଫେସର ଡା. ଧନେଶ୍ୱରୀ ଜେନା, ଡା. ସାଗର ଦଳେଇ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଶଙ୍କର ଆଚାର୍ଯ୍ୟ, ପିଏମ-ଏନସିଡି ସ୍ୱପ୍ନଜିତ ମହାନ୍ତି, ସେବକ ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ, ସେବକ କର୍ମୀ ଉମେଶ ଚନ୍ଦ୍ର ପଟେଲ, ସଞ୍ଜୁ ପଟେଲ, ସ୍ନେହଲତା ନାଏକ, ଦୀପିକା ବୁଢ଼ା, ଅମୃତଧାରା ପାଲିଏଟିଭ କେୟାର କେନ୍ଦ୍ର ଏଏନଏମ ଜୟନ୍ତୀ ନାଏକ, ସେବକର ଏଏନଏମମାନେ ଯୋଗଦେଇଥିଲେ। ଡା. ସୁମିତା ମହାନ୍ତି କର୍କଟ ରୋଗୀଙ୍କୁ ଚିକିତ୍ସା ଓ ପରାମର୍ଶ ସେବା ପ୍ରଦାନ କରିଥିଲେ। ଶେଷରେ ସେବକ ଅଧ୍ୟକ୍ଷ ଅମୀୟକାନ୍ତ ନାଏକ ଧନ୍ୟବାଦ ଦେଇଥିଲେ। ଉକ୍ତ ଯନ୍ତ୍ରଣା ଉପଶମ ସମ୍ପ୍ରଦାୟ କେନ୍ଦ୍ର ଦ୍ୱାରା କର୍କଟ ରୋଗୀଙ୍କୁ ଟେଲିଫୋନ ଓ ଭିଡିଓ ଦ୍ୱାରା ପରାମର୍ଶ ଦିଆଯିବ। ଆବଶ୍ୟକତା ଅନୁଯାୟୀ ମାଗଣା ଔଷଧ ବିତରଣ, ରୋଗୀର ଗୃହ ପରିଦର୍ଶନ ଓ ଆଲୋଚନା କରାଯିବ। ସେହିପରି ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ସ୍ୱାସ୍ଥ୍ୟସେବା ଯୋଗାଉଥିବା କର୍ମଚାରୀଙ୍କୁ ଯନ୍ତ୍ରଣା ଉପଶମ ତାଲିମ ପ୍ରଦାନ, ରୋଗୀ ପରିବାର ଲୋକଙ୍କୁ ମାନସିକ ସହାୟତା ମଧ୍ୟ ଦିଆଯିବ ବୋଲି ସୂଚନା ଦିଆଯାଇଛି।